## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ

# ଓଡ଼ିଆ ଜାତିକୁ ସର୍ବାଗ୍ରେ ପହଞ୍ଚାଇବାରେ ମହାରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ପାରଳାଖେମୁଣ୍ଡି,୨୬।୪(ସମିସ)

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଜିଲ୍ଲା ପରିଷଦ ସଭାପତି ଜି. ତିରୁପତି ରାଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ନାୟକ, ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ସମେତ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଜନପ୍ରତିନିଧି, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ସମାଜସେବୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବଜାର ଛକ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସହରରେ ଗାନ୍ଧୀ ଛକ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ମହାରାଜାଙ୍କ ସ୍ମୃତି ସୌଧରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ବୀରବାଦ୍ୟ ଓ ପାଇକ ଆଖଡ଼ା ଦଳ କଳା ପ୍ରଦର୍ଶନ ସହ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ପରେ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ପାଣିଗ୍ରାହୀ, ପୌରାଧ୍ୟକ୍ଷା ଶ୍ରୀମତୀ ସେଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ସଭାପତି ଜି. ତିରୁପତି ରାଓ, ଗୋଷଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ୍. ବୀରରାଜୁ, ପାରଳାଖେମୁଣ୍ଡି ପୌରପରିଷଦର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ମୁଖ୍ୟବକ୍ତା ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପାଢ଼ୀ ଯୋଗ ଦେଇଥିଲେ। ଭାଷା ଭିତ୍ତିରେ ଓଡିଶା ପ୍ରଦେଶ ଗଠନ କରିବାରେ ମହାରାଜା ଅନ୍ୟତମ। ମହାରାଜା ଅଞ୍ଚଳ ପାଇଁ ବିକାଶ, ଉନ୍ନତି, ନିରପେକ୍ଷ ଭାବେ ରାଜ୍ୟ ଶାସନ ଏବଂ ସମସ୍ତଙ୍କୁ ନେଇ ବିକାଶ କରିବା ତାଙ୍କର ମୂଳମନ୍ତ୍ର ଥିଲା ଓ ଓଡ଼ିଆ ଜାତିକୁ ସର୍ବାଗ୍ରେ ପହଞ୍ଚାଇବା ସହ ଲୋକଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି କରିବାରେ ମହାରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ମହାରାଜା ଜୟନ୍ତୀ ପାଳନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତୁଷାରମୟ ସେନାପତିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅମୂଲ୍ୟ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ।



## ବିଜେଡି ପକ୍ଷରୁ ମହାରାଜାଙ୍କ ଜୟନ୍ତୀ



ପାରଳାଖେମୁଣ୍ଡିରେ ବିଜେଡି ପକ୍ଷରୁ ମହାରାଜାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଉପାଧ୍ୟକ୍ଷ ଲେଙ୍କା ମଧୁ ଓ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁଙ୍କ ସମେତ ବହୁ ସଂଖ୍ୟକ ବିଜେଡି ନେତା ଓ କର୍ମୀ ଯୋଗଦେଇ ବଜାର ଛକରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ମହାରାଜାଙ୍କ ସ୍ମୃତିସୌଧରେ ପୁଷ୍ପମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନଗର ସଭାପତି ସୁଧିରଞ୍ଜନ ମହାପାତ୍ର, ଗୋଷାଣି ବ୍ଲକର ଜିଲ୍ଲାପରିଷଦ ସଭ୍ୟ ଏସ୍. ବାଲାରାଜୁ, ଜିଲ୍ଲା ଯୁବ ସଭାପତି ଲେଙ୍କା ସିମାଦ୍ରୀ, ଛାତ୍ର ସଭାପତି ବିଶ୍ୱଜିତ ତ୍ରିପାଠୀ ଓ ବିଜେଡି ନେତା ପ୍ରନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ପୁରାତନ ଛାତ୍ର ସଂଘ



ପାରଳାଖେମୁଣ୍ଡି: ଆଜି ପାରଳା ମହରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସ୍ଥାନୀୟ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଉଭୟ କଲେଜ କର୍ତ୍ତୃପକ୍ଷ ଓ ପୁରାତନ ଛାତ୍ର ସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମସ୍ତ ଅତିଥି କଲେଜ ପରିସରରେ ଥିବା ମହାରାଜାଙ୍କ ପ୍ରତିମୁର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜନ କରଯାଇଥିଲା। ସ୍ଥାନୀୟ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘର ପୂର୍ବତନ ସମ୍ପାଦକ ଡ. ଶଙ୍କର ପ୍ରସାଦ ବକ୍ସି ମୁଖ୍ୟଅତିଥି ଭାବେ ଯୋଗଦେଇ ମହାରାଜଙ୍କ ଜୀବନୀ ତଥା ଓଡ଼ିଶା ତଥା ପାରଳା ପ୍ରତି ମହାରାଜଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସଂଘର ସଭାପତି ନୃସିଂହ ଚରଣ ପଟ୍ଟନାୟକ ଓ ପୁରାତନ ଛାତ୍ର ସଂଘର ସମ୍ପାଦକ ଆଦର୍ଶ ଦାସ ମଞ୍ଚାସୀନ ଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡ.ବିପ୍ଳବ ରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଭୂଗୋଳ ବିଭାର ମୁଖ୍ୟ ପ୍ରଫେସର ଡ. ପୁଲକ ଚନ୍ଦ୍ର ଫିଲିପ୍ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର



ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମହାରାଜାଙ୍କ ୧୩୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଗୁରୁଜୀଙ୍କ ନେତତ୍ୱରେ ସମସ୍ତ ଗୁରୁଜୀ, ଗୁରୁମା ସ୍ଥାନୀୟ ବଜାର ଛକ ସ୍ଥିତ ମହାରାଜାଙ୍କର ପ୍ରତିମୂର୍ତ୍ତି ଓ ତାଙ୍କର ସମାଧୀ ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଂସ୍କୃତ ଆଚାର୍ଯ୍ୟା ଶୈଳେଷ୍ଟା ଖଡ୍ଗରାୟ ମହାରାଜାଙ୍କ ବିଷୟରେ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମହାରାଜାଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଂସ୍କୃତ ଆଚାର୍ଯ୍ୟ ଗୋପାଳ କୃଷ୍ଣ ପଣ୍ଡିତ ସଭାପତିତ୍ୱ କରିଥିଲେ। ଶେଷରେ ପ୍ରେମାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚ ଓ ହାଇସ୍କୁଲ



ଗୋଷାଣି(ସମିସ): ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମର ବରିଷ୍ଠ ନାଗରିକ ମଞ୍ଚ ଓ ହାଇସ୍କୁଲର ମିଳିତ ଆନୁକୁଲ୍ୟରେ ମହାରାଜାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ହାଇସ୍କୁଲ ପରିସରରେଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ହାଇସ୍କୁଲର ସଭାଗୃହରେ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଡି.ଧନଞ୍ଜୟ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବସୁଦେବ ଦଲାଇ ଓ ସମାଜସେବୀ ରାଜେନ୍ଦ୍ର ରାଉତ ମଞ୍ଚାସୀନ ଥିଲେ।

# ବିଭିନ୍ନ ଯୋଜନାର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ




ପାରଳାଖେମୁଣ୍ଡି,୨୬।୪(ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗଜପତି ଗସ୍ତର ଦ୍ୱିତୀୟ ଦିନରେ ପାରଳାଖେମୁଣ୍ଡିରେ ଅନୁଷ୍ଠିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ୧୩୫ ତମ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ବଜାର ଛକରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଐତିହାସିକ ବୃନ୍ଦାବନ ପ୍ୟାଲେସ ବୁଲି ସ୍ଥିତି ପରଖିଥିଲେ। ପର୍ଯ୍ୟଟନର ବିକାଶ ଦିଗରେ ଏହି ପ୍ୟାଲେସକୁ କିଭଳି ଉନ୍ନତି କରାଯାଇପାରିବ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ, ମିଶନ ଶକ୍ତି ସହ ଅନ୍ୟାନ୍ୟ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ସମୀକ୍ଷା କରିଥିଲେ। ମିଶନ ଶକ୍ତି ମାଧ୍ୟମରେ ଲକ୍ଷ୍ୟପତି ଦିଦିରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ ନେଇ ଉଦ୍ୟମ, ମହିଳାଙ୍କ ଉତ୍ପାଦିତ ଦ୍ରବ୍ୟର ସ୍ୱତନ୍ତ୍ର ବଜାର ପ୍ରସ୍ତୁତ ଏବଂ ବୃନ୍ଦାବନ ପ୍ୟାଲେସର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଆସନ୍ତା ୩୦ରେ ମହିଳା ସଂରକ୍ଷଣ ବିଲକୁ ନେଇ ଯେଉଁ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି ଯାହାକୁ ନେଇ ବିରୋଧୀ ଦଳ ଅନେକ କଟାକ୍ଷ କରୁଛନ୍ତି ତାହାର ଉତ୍ତର ରଖିଥିଲେ। ଉପମୁଖ୍ୟମନ୍ତ୍ରୀ ଗତକାଲି ମୋହନା ଓ ରାୟଗଡ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ପାରଳାଖେମୁଣ୍ଡିରେ ପହଞ୍ଚିଥିଲେ। ଏଠାରେ ବିଜେପି ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଥିଲେ। ଆଜି ଦ୍ୱିତୀୟ ଦିନରେ ପାରଳାଖେମୁଣ୍ଡିରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ଚକାପାଦ,୨୬।୪(ସମିସ): ଅଗ୍ନିକାଣ୍ଡରେ କୁସୁମେଣ୍ଡି ପଞ୍ଚାୟତ ଖଦୁଡେନ୍ତୁଳି ଗ୍ରାମର କାମଦେବ ପୃଷ୍ଟି ଓ ସୁରେଶ ପୃଷ୍ଟିଙ୍କ ଘର ଜଳିଯାଇଛି। ଖବର ପାଇ ଖଜୁରିପଡ଼ାରୁ ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ଦୁଇପରିବାରର ଘରଭିତରେଥିବା ସମସ୍ତ ଜିନିଷ ପୋଡ଼ିଯାଇଛି। ଦିନରେ ଅତ୍ୟଧିକ ଖରା ପାଇଁ କୌଣସି ଜିନିଷ ରକ୍ଷା କରାଯାଇ ପାରିନଥିଲା। ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମହେନ୍ଦ୍ରଗିରିରେ ଦୁଃସାହସିକ କ୍ରୀଡ଼ା ମହୋତ୍ସବ

ରାୟଗଡ଼,୨୬।୪(ସମିସ): ମହେନ୍ଦ୍ରଗିରିରେ ୨ ଦିନିଆ ଦୁଃସାହସିକ କ୍ରୀଡ଼ା ଉତ୍ସବକୁ ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ପର୍ଯ୍ୟଟନ ବିଭାଗ ଓ ଭାରତୀୟ ପର୍ବତାରୋହୀ ସଂଘ ମଧ୍ୟରେ ଗତ ଫେବୃଆରୀ ମାସରେ ଚୁକ୍ତି ପରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଉଦ୍‌ଘାଟନୀ ଦିବସରେ ପ୍ରତିଯୋଗୀ ପ୍ରାକୃତିକ ପଥର ଉପରେ ବୋଲଡରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ମାଉଣ୍ଟେନ ବାଇକିଂ, ରକ୍ କ୍ଲାଇମ୍ବିଂ ଏବଂ ଗାଇଡେଡ୍ ଟ୍ରେକାଥନରେ ସାମିଲ ହୋଇଥିଲେ। ଏହି ମହୋତ୍ସବରେ ଟ୍ରେକିଂ, ହିଲ୍ ରନିଂ, ସ୍ଲାକଲାଇନିଂ, ରାପେଲିଂ ଏବଂ ଡାଉନହିଲ୍ ସାଇକଲିଂ ଭଳି ବିଭିନ୍ନ ପ୍ରତିଯୋଗିତା ମୂଳକ ଓ ଅନୁଭୂତି ଭିତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପର୍ବତାରୋହୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ ବୋଲଡରିଂ ପ୍ରତିଯୋଗିତାର ବିଜେତାଙ୍କୁ ମେଡାଲ, ପ୍ରମାଣପତ୍ର ଏବଂ ନଗଦ ଅର୍ଥରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ନାୟକ, ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗାହୀ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଳବନ୍ତ ସିଂ, ଉପମୁଖ୍ୟ ବନ ସଂରକ୍ଷକ (ଇକୋ ପର୍ଯ୍ୟଟନ) ବିବେକ କୁମାର, ଡିଏଫ୍‌ଓ କେ. ନାଗାରାଜୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ରା ହୋନାଗା ଏବଂ ଭାରତୀୟ ପର୍ବତାରୋହଣ ଫେଡେରେସନ ସମ୍ପାଦକ କିର୍ତ୍ତୀ ପାଇସଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।




ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

## • ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣରେ ଅନିୟମିତତା

# ସୂଚନା ଫଳକକୁ ନେଇ ଅସନ୍ତୋଷ

ଟିକାବାଲି,୨୬।୪(ସମିସ): ଟିକାବାଲି ବ୍ଲକ ପାବୁରିଆ ପଞ୍ଚାୟତ ସାପାଗାଣ୍ଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ନବନିର୍ମିତ ଏକ ଅତିରିକ୍ତ ଶ୍ରେଣୀଗୃହ ଏବେ ବିବାଦ ଘେରକୁ ଆସିଛି। ପଞ୍ଚାୟତ ସମିତି ଟିକାବାଲି ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପ ପାଇଁ ଏକ ସୂଚନା ଫଳକ ମରାଯାଇଛି। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଫଳକରେ ଯୋଜନାର ନାମ ସମ୍ପୂର୍ଣ୍ଣ ଶୂନ୍ୟ ରହିଛି। କେଉଁ ସରକାରୀ ଯୋଜନାରେ କିମ୍ବା କେଉଁ ପାଣ୍ଠିରୁ ଏହି ଗୃହ ନିର୍ମାଣ କରାଯାଇଛି, ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଏହା ପ୍ରଶାସନର ଦାୟିତ୍ୱହୀନତା କିମ୍ବା ତଥ୍ୟ ଲୁଚାଇବାର ଏକ ଅପଚେଷ୍ଟା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସୂଚନା ଫଳକ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ନିର୍ମିତ ଏହି ଅତିରିକ୍ତ ଶ୍ରେଣୀଗୃହର ଅଟକଳ ମୂଲ୍ୟ ୧୫,୪୭,୦୦୦ ଟଙ୍କା ଦର୍ଶାଯାଇଛି। ମାତ୍ର କୋଠାଘରର ନିର୍ମାଣ ଶୈଳୀ ଓ ଏହାର ଆକାରକୁ ଦେଖିଲେ ଏତେ ପରିମାଣର ଅର୍ଥ ବ୍ୟୟ ହେବା ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ସାଧାରଣ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଏହି ଅର୍ଥ ଅତିରିକ୍ତ ବୋଲି ଆଲୋଚନା ହେଉଛି। ଫଳକରେ ଉଲ୍ଲେଖ ଥିବା ଅଙ୍କ ଏବଂ ବାସ୍ତବିକ ନିର୍ମାଣ ମଧ୍ୟରେ କୌଣସି ସାମଞ୍ଜସ୍ୟ ନଥିବା ଲୋକେ କହିଛନ୍ତି। ଏଥିରେ ବ୍ୟାପକ ପିସି କାରବାର ଏବଂ ସରକାରୀ ଅର୍ଥର ହରିଲୁଟ୍ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏହି ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଡାକ୍ତର ଓ ଫାର୍ମାସିଷ୍ଟ ନିଯୁକ୍ତି ଦାବିରେ ଧାରଣା

ପାରଳାଖେମୁଣ୍ଡି,୨୬।୪(ସମିସ)

## ଦୁର୍ଘଟଣାଗ୍ରସ୍ତ ରୋଗୀ ପ୍ରାଥମିକ ଚିକିତ୍ସା ନ ପାଇ ପ୍ରାଣ ହରାଉଛନ୍ତି



ଗୋଷାଣି ବ୍ଲକ ଗାରାବନ୍ଧ ଗ୍ରାମସ୍ଥିତ ପ୍ରାଥମିକ ଚିକିତ୍ସାଳୟରେ ଡାକ୍ତର ଓ ଫାର୍ମାସିଷ୍ଟ ତୁରନ୍ତ ନିଯୁକ୍ତି ଦାବିରେ ଅଞ୍ଚଳବାସୀ ତିନି ଘଣ୍ଟିଆ ଧାରଣା ଦେଇଥିଲେ। ଧାରଣା ସକାଳ ୭ରୁ ଆରମ୍ଭ ହୋଇ ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ୮ ମାସ ହେଲା ଏଲୋପାଥି ଚିକିତ୍ସା ବନ୍ଦ ହୋଇ ରହିଛି। ଏନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଠାରେ ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ କରି ସ୍ଲୋଗାନ ଦେଇଥିଲେ ଧାରଣାରେ ବସିଥିବା ଲୋକେ।

ଗାରାବନ୍ଧ ପ୍ରାଥମିକ ଚିକିତ୍ସାଳୟ ଉପରେ ଉଭୟ ଗୋଷାଣି ଓ ରାୟଗଡ଼ ବ୍ଲକର ପ୍ରାୟ ୬୦ଖଣ୍ଡ ଗ୍ରାମବାସୀ ନିର୍ଭର କରିଥାନ୍ତି। ୮ ମାସ ପୂର୍ବେ ଏଠାକାର କାର୍ଯ୍ୟରତ ଡାକ୍ତର ଓ ଫାର୍ମାସିଷ୍ଟ ସେବା ନିବୃତ୍ତ ହୋଇଥିଲେ। ମାସକ ପୂର୍ବେ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କୁ ସାମୟିକ ଭାବେ ନିଯୁକ୍ତି ଦିଆଯାଇଥିଲେ ସୁଦ୍ଧା ଫାର୍ମାସିଷ୍ଟଙ୍କୁ ନିଯୁକ୍ତ ଦିଆଯାଇନାହିଁ। ବର୍ତ୍ତମାନ ଡାକ୍ତର ଜଣକ ବୟସ୍କ ଯୋଗୁଁ ଅଧିକ ସମୟ ଚିକିତ୍ସା କରିପାରୁନାହାନ୍ତି। ଏଭଳି ସ୍ଥିତିରେ ଡାକ୍ତରଖାନାକୁ ଆସୁଥିବା ମାତ୍ରାଧିକ ସଂଖ୍ୟାରେ ରୋଗୀ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ଏପରିସ୍ଥଳେ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଜରୁରୀକାଳିନ ପରିସ୍ଥିତିରେ ଏଠାରେ ନିଯୁକ୍ତ ସିକ୍ୟୁରିଟି ଗାର୍ଡ ଚିକିତ୍ସା କରୁଛନ୍ତି। ସେହିପରି ଅଞ୍ଚଳରେ ଦୁର୍ଘଟଣାରେ କେହି ଶିକାର ହେଲେ ପ୍ରାଥମିକ ଚିକିତ୍ସା ନପାଇବା ଯୋଗୁ ପ୍ରାଣ ହରାଉଥିବା ଅଭିଯୋଗ ହେଉଛି। ଗତକାଲି ଏହି ଅଞ୍ଚଳର ଜଣେ ସଡକ ଦୁର୍ଘଟଣାରେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଏହି ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଏଠାରେ ତାଲା ପଡିଥିବା ଏବଂ ପ୍ରାଥମିକ ଚିକିତ୍ସା ସେବା ନପାଇବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାୟୀ ଡାକ୍ତର ଓ ଫାର୍ମାସିଷ୍ଟ ସପ୍ତାହକ ମଧ୍ୟରେ ନିଯୁକ୍ତ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ଏବଂ ଆନ୍ଦୋଳନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ଦାୟୀ ରହିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଆଜିର ଧାରଣାରେ ଗାରାବନ୍ଧ ସରପଞ୍ଚ ପି.ଅଶୋକ କୁମାର, ସମାଜସେବୀ ତରୁଣ ପ୍ରଧାନ, ବଦ୍ରିନାରାୟଣ ପଣ୍ଡା, ସିନ୍ଦିରି ରଞ୍ଜିତ କୁମାର, ଟାଙ୍କଲା ଗିରିଶ, ସିଏଚ୍. ଭେଙ୍କଟ ରାଓ, ଯୁବ ବିଜେଡି ନେତା ତଥା ପୂର୍ବତନ ସୋବରା ସରପଞ୍ଚ ପି.ନାଗେଶ୍ୱର ରାଓଙ୍କ ସମେତ ଶତାଧିକ ଅଞ୍ଚଳବାସୀ ସାମିଲ ହୋଇଥିଲେ।

# ସିୟୁଟିଏମ୍‌ରେ ବିଶ୍ୱ ପଶୁଚିକିତ୍ସା ଦିବସ

ପାରଳାଖେମୁଣ୍ଡି,୨୬।୪(ସମିସ): ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ସ୍କୁଲ୍ ଅଫ୍ ଭେଟେରିନାରୀ ଆଣ୍ଡ ଆନିମଲ୍ ସାଇନ୍ସେସ୍ ପକ୍ଷରୁ ଶନିବାର ଦିନ ବିଶ୍ୱ ପଶୁଚିକିତ୍ସା ଦିବସ ପାଳନ କରାଯାଇଛି। ଚଳିତ ବର୍ଷ ଏହି ଦିବସ ପଶୁଚିକିତ୍ସକ-ଖାଦ୍ୟ ଏବଂ ସ୍ୱାସ୍ଥ୍ୟର ରକ୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ହୋଇଥିଲା। ଏଥିରେ ପଶୁ ସ୍ୱାସ୍ଥ୍ୟ, ମାନବ କଲ୍ୟାଣ ଏବଂ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ପଶୁ ଚିକିତ୍ସକଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା। ବିଶେଷଜ୍ଞ କୃଷି ଏବଂ ଆନୁସଙ୍ଗିକ ବିଜ୍ଞାନ ସ୍କୁଲର ପ୍ରଫେସର ନିର୍ଦ୍ଦେଶକ ଡ. କେ. ସର୍ଜନ ରାଓ, ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ବିଜ୍ଞାନ ସ୍କୁଲର ଡିନ୍ ଡ. ସୁରେଶ ସୁବ୍ରମଣ୍ୟମ୍, ପ୍ରାଣୀଚିକିତ୍ସା ଏବଂ ପ୍ରାଣୀ ବିଜ୍ଞାନ ସ୍କୁଲର ସହଯୋଗୀ ଡିନ୍ ଡ. ଗିରିଶ କୁମାର ମହାନ୍ତି, ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ବିଜ୍ଞାନ ସ୍କୁଲର ସହଯୋଗୀ ଡିନ୍ ପ୍ରଫେସର ଡ. ତପନ କୁମାର ମଣ୍ଡଳ, ପ୍ରଫେସର ଡ. ପି.ଆଇ. ଗଣେଶନ୍ ଏବଂ ଡ. ଅଂଶୁମାନ ମହାପାତ୍ରଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଆଲୋଚନାରେ ପ୍ରାଣୀ ଚିକିତ୍ସା ବିଜ୍ଞାନରେ ସାମ୍ପ୍ରତିକ ଚ୍ୟାଲେଞ୍ଜ ଏବଂ ଏକ ସ୍ୱାସ୍ଥ୍ୟ ପଦ୍ଧତିର ଗୁରୁତ୍ୱ ସମ୍ପର୍କରେ କୁହାଯାଇଥିଲା। ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଶାଖାପାଟଣାର ଭିକ୍‌ଟ୍ରୁଆଲିଂ ୟାର୍ଡର ପଶୁଚିକିତ୍ସକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ଭି. କମଲରାଜ ଯୋଗଦେଇ ଜାତୀୟ ଖାଦ୍ୟ ସୁରକ୍ଷାରେ ପଶୁଚିକିତ୍ସକଙ୍କ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବରେ ସିୟୁଟିଏମ୍ ର ରେଜିଷ୍ଟ୍ରାର ପ୍ରଫେସର ଅନିତା ପାତ୍ର, ଡିନ୍ ପ୍ରଶାସନ ପ୍ରଫେସର ଏସ୍.ପି. ନନ୍ଦ, ଡିନ୍ ପ୍ରଶାସନ ପ୍ରଫେସର ଦୁର୍ଗା ପାଢୀ, ଡିନ୍ ପ୍ରଶାସନ ଡ. ସୁରେଶ ସୁବ୍ରମଣ୍ୟମ୍, ଡିନ୍, ସ୍କୁଲ୍ ଅଫ୍ ଭେଟେରିନାରୀ ଆଣ୍ଡ ଆନିମଲ୍ ସାଇନ୍ସେସ୍ ଡ. ଗିରିଶ କୁମାର ମହାନ୍ତି, ଡ. ତୁଷାରେନ୍ଦୁ ନାୟକ ଏବଂ ଡ. ଅଂଶୁମାନ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସ୍କୁଲ୍ ଅଫ୍ ଭେଟେରିନାରୀ ଆଣ୍ଡ ଆନିମଲ୍ ସାଇନ୍ସେସ୍‌ର ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



